Business Standard
CAMPUS TALK

BS PROMOTIONS

# CEREMONIES FOR COMMERCE AND BBA STUDENTS

(BGU) organised Commencement Day ceremonies for its newly admitted students from the Birla School of Commerce and the Birla School of Management, welcoming students for B.Com, M.Com, and BBA programs. Birla School of Commerce formally inducted the B.Com (2025–29) and M.Com (2025–27) batches. The ceremony featured Mr Jeh Agarwal, CFA, Vice President – Investment Banking, JP Morgan, London, as Chief Guest, and CA Arun Kumar Sabat, FCA, as Guest of Honour. In his welcome address, Prof. Pradipta Kumar Sanyal, Dean, School of Commerce, emphasised integrating technology with commerce education, citing AI, blockchain, and data analytics as key focus areas. Mr Agarwal encouraged students to become ethical, adaptable leaders in the evolving. On July 24, the Birla School of Management welcomed its BBA Batch of 2025. The event began with a traditional Saraswati Vandana and featured Dr Prashant Deshpandey, Senior VP – HR, Reliance Retail Ltd, as Chief Guest. Dr Deshpandey advised students to see peers as collaborators, not competitors, and to embrace AI as a transformative force. Dean Prof Parameswar Nayak introduced the school's values and urged students to embody the "4Cs"—Curiosity, Courage, Communication, and Control of Emotions. Alumni and current students shared inspiring reflections, while Vice Chancellor Prof.m Kulbhushan Balooni, Registrar Prof B K Das stressed holistic development and the importance of interdisciplinary learning. Together, the two commencement events set a powerful tone for BGU's new academic year, reaffirming its mission to produce competent, ethical, and globally aware professionals.

ପ୍ରମେୟ
THE PRAMEYA
PRINTED AT BHUBANESWAR SAMBALPUR PANIKOILI JEYPORE
RNI REGD NO: ODIODI/2011/37919 - POSTAL REGD NO: BN/20023-25
ବର୍ଷ ୧୫ | ସଂଖ୍ୟା ୮୯ | ଭୁବନେଶ୍ୱର
୨୯ ଜୁଲାଇ ୨୦୨୫ | ମଙ୍ଗଳବାର
12 PAGES | ₹7.00
VOLUME 15 | ISSUE 89 | BHUBANESWAR
29 JULY 2025 | TUESDAY
PRINTED AT BHUBANESWAR SAMBALPUR PANIKOILI JEYPORE

# ବିଜିୟୁ ପକ୍ଷରୁ ବିବିଏ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ




ଭୁବନେଶ୍ୱର,୨୮।୭(ବ୍ୟୁରୋ): ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି (ବିଜିୟୁ), ବିର୍ଲା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ପକ୍ଷରୁ ୨୦୨୫ ବିବିଏ ବ୍ୟାଚ୍‌ର ଛାତ୍ରଛାତ୍ରୀମାନଙ୍କୁ ଆନୁଷ୍ଠାନିକ ଭାବେ ସ୍ୱାଗତ କରାଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିର୍ଲା ସ୍କୁଲ ଅଫ ମ୍ୟାନେଜମେଣ୍ଟର ଡିନ୍ ପ୍ରଫେସର ପରମେଶ୍ୱର ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ସେ ଛାତ୍ରଛାତ୍ରୀମାନଙ୍କୁ ଅନୁଷ୍ଠାନର ମୂଲ୍ୟବୋଧ- ନୈତିକତା, ଏଆଇ, ରୋବୋଟିକ୍ସ, ଉତ୍ସୁକତା, ସାହସ, ଯୋଗାଯୋଗ ଏବଂ ଭାବନା ନିୟନ୍ତ୍ରଣର '୪ସି' ବିଷୟରେ କହିଥିଲେ।

ରିଲାଏନ୍‌ସ ରିଟେଲ ଲିମିଟେଡ୍, ମୁମ୍ବାଇର ବରିଷ୍ଠ ଭାଇସ୍ ପ୍ରେସିଡେଣ୍ଟ(ଏଚ୍‌ଆର) ଡ.ପ୍ରଶାନ୍ତ ଦେଶପାଣ୍ଡେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ସହପାଠୀମାନେ କେବଳ ପ୍ରତିଦ୍ୱନ୍ଦ୍ୱୀ ନୁହଁନ୍ତି, ବରଂ ପରସ୍ପରର ସହଯୋଗୀ ଅଟନ୍ତି ବୋଲି କହିଥିଲେ। ୨୦୧୩ ମସିହାରେ ୧୨ ଜଣ ବିବିଏ ଛାତ୍ରଛାତ୍ରୀଙ୍କୁ ନେଇ ଆରମ୍ଭ ହୋଇଥିବା ବିଜିୟୁର ଉଲ୍ଲେଖନୀୟ ଅଭିବୃଦ୍ଧି ସମ୍ପର୍କରେ ରେଜିଷ୍ଟ୍ରାର ଡ. ବି.କେ ଦାସ ସୂଚନା ଦେଇଥିଲେ। ବିଜିୟୁ କୁଳପତି ପ୍ରଫେସର କୁଳଭୂଷଣ ବାଲୁନି ଛାତ୍ରଛାତ୍ରୀଙ୍କୁ ଶିକ୍ଷା ସହିତ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଯୋଗଦେଇ ନିଜ ପ୍ରତିଭାକୁ ପ୍ରସ୍ଫୁଟିତ କରିବାକୁ କହିଥିଲେ।

ତୃତୀୟ ବର୍ଷର ଛାତ୍ର ସୁମାଂଶୁ କୁମାର ସାହୁ ବିଜିୟୁରେ ତାଙ୍କର ଅନୁଭୂତି ବାଣ୍ଟିଥିଲେ। ବର୍ତ୍ତମାନ ଏଚ୍‌ଆର ମ୍ୟାନେଜର ଥିବା ବିଜିୟୁର ପୂରାତନ ଛାତ୍ର ଅମ୍ଲାନ କୁମାର ଆଚାର୍ଯ୍ୟ (ବିବିଏ ୨୦୧୮-୨୧) ଛାତ୍ରଛାତ୍ରୀଙ୍କୁ ବିଫଳତାକୁ ଗ୍ରହଣ କରି ଆଗକୁ ବଢିବାକୁ ଉତ୍ସାହିତ କରିଥିଲେ। ବିବିଏ ପାଠ୍ୟକ୍ରମ ସଂଯୋଜକ ଶାଶ୍ୱତୀ ତ୍ରିପାଠୀଙ୍କ ଧନ୍ୟବାଦ ଦେଇଥିଲେ।

SAMBAD
ସମ୍ବାଦ
ପୁନଶ୍ଚ ପୃଥିବୀ
PRINTED AT BHUBANESWAR | BALASORE | JEYPORE | BARGARH
Bhubaneswar | Tuesday 29 July 2025 | Page 14 ₹ 7.00
Vol. XLI | ISSUE 292
BHUBANESWAR

# ବିଜିୟୁରେ ନବାଗତ ବିବିଏ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ

ଭୁବନେଶ୍ୱର, ୨୮/୭: ବିର୍ଲା ଗ୍ଲୋବାଲ୍ ୟୁନିଭରସିଟି (ବିଜିୟୁ)ର ବିର୍ଲା ସ୍କୁଲ୍ ଅଫ୍ ମ୍ୟାନେଜମେଣ୍ଟ୍ ପକ୍ଷରୁ ୨୦୨୫ ବିବିଏ ବ୍ୟାଚ୍‌ର ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ କରାଯାଇଛି। ମ୍ୟାନେଜମେଣ୍ଟ୍ ସ୍କୁଲ୍‌ର ଡିନ୍ ପ୍ରଫେସର ପରମେଶ୍ୱର ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଟିଲାଏନ୍ସ ରିଟେଲ ଲିମିଟେଡ୍‌ର ବରିଷ୍ଠ ଉପସଭାପତି(ମାନବ ସମ୍ବଳ) ଡ.ପ୍ରଶାନ୍ତ ଦେଶପାଣ୍ଡେ ମୁଖ୍ୟଅତିଥି ଭାବେ ଯୋଗଦେଇ ସହପାଠୀମାନେ କେବଳ ପ୍ରତିଦ୍ୱନ୍ଦ୍ୱୀ ନୁହଁନ୍ତି ବରଂ ପରସ୍ପରର ସହଯୋଗୀ ଅଟନ୍ତି ବୋଲି ସେ କହିଥିବା ସହ କୌଣସି କ୍ଷେତ୍ରରେ ପରିବର୍ତ୍ତନ ଆଣିବା ପାଇଁ ଏଆଇକୁ ଏକ ଶକ୍ତିଶାଳୀ ମାଧ୍ୟମ ରୂପେ ବ୍ୟବହାର କରିବା ଉଚିତ ବୋଲି କହିଥିଲେ। ବିଜିୟୁର ଉଲ୍ଲେଖନୀୟ ଅଭିବୃଦ୍ଧି ସମ୍ପର୍କରେ ରେଜିଷ୍ଟ୍ରାର ଡ. ବିକେ ଦାସ ସୂଚନା ଦେଇଥିଲେ। ବିଜିୟୁ କୁଳପତି ପ୍ରଫେସର କୁଳଭୂଷଣ ବାଲୁନି



ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ସହିତ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଯୋଗଦେଇ ନିଜର ପ୍ରତିଭାକୁ ପ୍ରସ୍ଫୁଟିତ କରିବାକୁ ପ୍ରୋତ୍ସାହିତ କରିଥିଲେ। ଏହି ଅବସରରେ ତୃତୀୟ ବର୍ଷର ଛାତ୍ର ଶୁମାଂଶୁ କୁମାର ସାହୁ, ପୁରାତନ ଛାତ୍ର ଅମ୍ଳାନ କୁମାର ଆଚାର୍ଯ୍ୟ ଓ ବିବିଏ ପାଠ୍ୟକ୍ରମ ସଂଯୋଜକ ଶାଶ୍ୱତୀ ତ୍ରିପାଠୀ ଉପସ୍ଥିତ ଥିଲେ।